## ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ ନିମନ୍ତେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

- ସୁଦୃଢ଼ ହେବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତ୍ତିଭୂମି
- ଗୋଟିଏ କୋଠାରେ ହିଁ ରହିବ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବିଭିନ୍ନ ବିଭାଗର ଆବଶ୍ୟକୀୟ କାର୍ଯ୍ୟାଳୟ
- ସାମ୍ବାଦିକମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା ଭବନରେ ହେବ ମିଡ଼ିଆ ସେଣ୍ଟର୍

ଭୁବନେଶ୍ୱର, ଜୁଲାଇ ୭ :

ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ଭବନ ନିର୍ମାଣ ନିମନ୍ତେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ (ROTI)ର ନୂତନ ଅତ୍ୟାଧୁନିକ ପ୍ରେକ୍ଷାଳୟ ଏବଂ ଭୁବନେଶ୍ୱରର ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣ ସମ୍ପର୍କରେ ମଧ ସୁବିସ୍ତୃତ ଆଲୋଚନା କରାଯାଇଛି । OBCC ଏବଂ ନିର୍ମାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବିତ ରୂପରେଖ ପ୍ରଦର୍ଶିତ ହୋଇଥିଲା । ଏ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରି ରାଜ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତ୍ତିଭୂମି ସୁଦୃଢ଼ ହେବା ଦ୍ୱାରା ସୁଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ମାନ୍ୟବର ମନ୍ତ୍ରୀ ବୈଠକରେ ମତପ୍ରକାଶ କରିଛନ୍ତି ।



ସୂଚନଯୋଗ୍ୟ ଯେ, ଖୁବ୍ ଶୀଘ୍ର ଭୁବନେଶ୍ୱରଠାରେ କଳ୍ପନା ଛକ ନିକଟରେ ନୂତନ ରାଜସ୍ୱ ଭବନ ନିର୍ମାଣ ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ସହ ଏହାର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଦଶ ମହଲା ବିଶିଷ୍ଟ ଏହି ବିଲଡିଂରେ ସମସ୍ତ ପ୍ରକାର ସୁବିଧା ସହିତ ବୋର୍ଡ଼ ଅଫ୍ ରେଭେନ୍ୟୁର କ୍ୟାମ୍ପ୍ କୋର୍ଟ୍ ଏବଂ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରୁଥିବା ଅଧିକାରୀଙ୍କ କୋର୍ଟ୍ ନିମନ୍ତେ ମଧ ବ୍ୟବସ୍ଥା ରହିବ । ସେହିପରି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ବୈଠକ ତଥା ସମ୍ମିଳନୀ ନିମନ୍ତେ ପ୍ରେକ୍ଷାଳୟ ଏବଂ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ମଧ ରହିବ । ଆଗାମୀ ଦୁଇ ବର୍ଷ ମଧରେ ରାଜସ୍ୱ ଭବନ ନିର୍ମାଣ ସମାପ୍ତ ନିମନ୍ତେ ମାନ୍ୟବର ମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ପ୍ରସ୍ତାବିତ ବିପର୍ଯ୍ୟୟ ପରିଚାଳନା ଭବନର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ସମୀକ୍ଷା କରିବା ସହ ଆସନ୍ତା ଅଗଷ୍ଟ ମାସରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବିଭିନ୍ନ ମହଲାରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର ସହାୟତା ଆୟୁକ୍ତ (SRC)ଙ୍କ କାର୍ଯ୍ୟାଳୟ, ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA)ଙ୍କ କାର୍ଯ୍ୟାଳୟ, ରାଜ୍ୟ ଜରୁରିକାଳୀନ ପରିଚାଳନା କେନ୍ଦ୍ର (SEOC) ଏବଂ ଓଡ୍ରାଫ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ଅବସ୍ଥାପିତ ହେବ । ସେହିପରି ସମ୍ପୂର୍ଣ୍ଣ ରୂପେ ସବୁଜିମା ଆଚ୍ଛାଦିତ ହୋଇ ସମସ୍ତ ପ୍ରକାର ବିପର୍ଯ୍ୟୟ ପ୍ରତିରୋଧୀ ସହ ଭୂକମ୍ପ ପ୍ରତିରୋଧୀ ହେବ ଏହି ବିପର୍ଯ୍ୟୟ ପରିଚାଳନା ଭବନ । ଏଥିରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକମାନଙ୍କ ଖବର ସଂଗ୍ରହକୁ ଦୃଷ୍ଟିରେ ରଖି ବିଭିନ୍ନ ଆନୁସଙ୍ଗିକ ସୁବିଧା ସହ ସ୍ୱତନ୍ତ୍ର ମିଡିଆ ସେଣ୍ଟରର ବ୍ୟବସ୍ଥା ମଧ

ହେବ । ସେହିପରି ବିପର୍ଯ୍ୟୟ ପରିଚାଳନାରେ ସହଯୋଗ କରୁଥିବା ଶକ୍ତି ବିଭାଗ, ନିର୍ମାଣ ବିଭାଗ ସହ NDMA, NDRF ଏବଂ ଅନ୍ୟାନ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ଅନୁଷ୍ଠାନ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ । ନୂତନ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ସହ ପୂର୍ବ ସତର୍କ ସୂଚନା ନିମନ୍ତେ ବୈଷୟିକ ଯନ୍ତ୍ରପାତି ମଧ୍ୟ ରହିବ । ଆଗାମୀ ଅଠର ମାସରେ ଏହି ଭବନ ନିର୍ମାଣ ସମାପ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏ ହିଁ ବିଲଡିଂରେ ବିଭିନ୍ନ କାର୍ଯ୍ୟାଳୟ ରହିବା ଦ୍ୱାରା ସମନ୍ୱିତ ଭାବେ ବିପର୍ଯ୍ୟୟ ପରିଚାଳନା ସୁନିଶ୍ଚିତ ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ସେହିପରି ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ (ROTI)ଠାରେ ଅନ୍ତର୍ଜାତୀୟସ୍ତରର ଅତ୍ୟାଧୁନିକ ପ୍ରେକ୍ଷାଳୟ କମ୍ପ୍ଲେକ୍ସ, ନୂତନ ପ୍ରଶାସନିକ କୋଠା, ଡିଜିଟାଲ୍ ଲାଇବ୍ରେରୀ, GIS ଲ୍ୟାବ୍ ସହିତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ । ଏହା ସହିତ ଭୁବନେଶ୍ୱରଠାରେ ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣର ସମୀକ୍ଷା କରି ତୁରନ୍ତ ନୂତନ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, OBCC ଏବଂ ନିର୍ମାଣ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ ।

ଅଂଶୁମାନ ସାହୁ
ଲୋକସମ୍ପର୍କ ଅଧିକାରୀ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ